## EXPRESSION OF INTEREST (EoI)

No.:- 1586

Date:- 18/07/24

Interested MSME having garment manufacturing units/SHGs having tailoring units with willingness and aptitude for providing school uniforms to schools are invited to submit their proposal before the concerned Block Education Officer in the format mentioned below within 07(Seven)days of this advertisement i.e, **by Date-25.07.24.** MSME having garment manufacturing units/SHGs having tailoring units should preferably be from the same Block/any of the adjoining Block under Balasore District as per the location of the schools where they propose to take up the activity through the given terms and conditions mentioned below.

**Terms and Conditions for Procurement and Supply of school uniforms:-**

1. The MSME having garment manufacturing units/SHGs having tailoring units should supply the materials within the timeline given by the school from the date of issue of supply order failing which the supply order will be cancelled.
2. They may provide more than one sample uniform both for boys and girls, as per the specification & design mentioned. The best sample should be selected and kept in the school for checking and awaiting purpose.
3. For boy students-2 pairs of uniform of navy blue Pant and white colour shirt .
4. For girl students- 2 pairs of sky blue colour frock with front trimming (Jhaleri) for girls studying in class-I to V & two pairs of sky blue colour kameez, white colour salwar & white colour dupatta(Odni) for girls studying in class VI to class-VIII.

5. Rs. 500/- will be the rate for two pairs of uniforms (inclusive of taxes, packing and transportation to school point).

Jay

6. In no case advance payment will be made for the materials so indented. Payment to the supplier will be made through e-payment and no payment will be made in cash.
7. Any damage found in the supply of school uniforms is not liable to the intending authority. The MSME having Manufacturing units/SHGs having tailoring units will supply good quality school uniforms as per the prescribed specification.
8. School authorities will check quality of the uniform while receiving it from the MSME /SHGs.
9. The details of different qualities and brands should be mentioned in the Expression of Interest.
10. Quantity of materials to be processed may change as per actual requirement.
11. Expression of Interest received without fulfilling terms and conditions is liable for rejection.
12. The Collector & DM reserve every right to cancel the EoI without assigning any reason thereof.

| Sl no. | Name of the Block | Name & Address of MSME having garment Manufacturing units/SHGs having tailoring units. | Capacity of providing school uniform in numbers including Boys & Girls. | Cost of Boy's school uniform | Cost of Girls' school Uniform | Remarks |
|---|---|---|---|---|---|---|
| | | | | | | |

By the orders of Collector & DM, Balasore

18/07/2024

District Education Officer cum DPC
Samagra Shiksha, Balasore

NB:- The applicant MSME having garment Manufacturing units/SHGs having Tailoring units get detailed information on the scheme from the concerned Block Office of Balasore district.

Memo no. 1586 Dated:- 18.7.24

- Copy submitted to PA to Collector for information of Collector cum Chairman.

- Copy submitted to CDO cum Executive Officer, Zilla Parishad , Balasore for kind information with request to percolate the EoI through DPM,OLM ,to the field functionaries and floating the EoI in your office Notice board.

- Copy to DSWO, Balasore for information with request to float the EoI in their office Notice Board and circulate with the SHGs through their CDPOs , DPC Mission Shakti and other field level functionaries.

- Copy submitted to GM, DIC Balasore for information with request for floating the EoI in their office notice board & circulate with MSE manufacturing units through their field level functionaries.

- Copy submitted to Block Development Officers for information and necessary action.

- Copy to all Block Education Officer, Balasore for information with request to ensure the displaying of this EOI in all notice board of all Block level Offices, all High Schools, Panchayat Office. They are requested to receive the application from the MSME/SHG units and acknowledge the same with receipt.

18/07/2024

District Education Officer cum DPC
Samagra Shiksha, Balasore

# ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

ଶିକ୍ଷା ସୌଧ,ୟୁନିଟ୍-୫,ଭୁବନେଶ୍ୱର-୭୫୧୦୦୧

ଶ୍ରୀମତୀ ୟାମିନୀ ଷଡଙ୍ଗୀ, ଭା.ପ୍ର.ସେ.
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ସଂଖ୍ୟା ୨୧୧୮ ତାରିଖ: ୦୪.୦୭.୨୦୨୪

ପ୍ରାପ୍ତେଷୁ

ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ / ସମସ୍ତ ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ରଶିକ୍ଷା,ଓଡିଶା.

ବିଷୟ : ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ପୋଷାକ ବିତରଣ ସମ୍ବନ୍ଧରେ.

ମହାଶୟା / ମହାଶୟ,

ଉପରୋକ୍ତ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ଆପଣମାନଙ୍କୁ ଜଣାଇ ଦେବା ପାଇଁ ଚାହୁଁଛି ଯେ, ରାଜ୍ୟ ସରକାରଙ୍କର ନିଷ୍ପତ୍ତି ଅନୁଯାୟୀ ଚଳିତ ଶିକ୍ଷାବର୍ଷ (୨୦୨୪-୨୦୨୫) ନିମନ୍ତେ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଛାତ୍ରଛାତ୍ରୀ ମାନଙ୍କୁ ଜଣପିଛା ୫୦୦/- ଟଙ୍କା ମୂଲ୍ୟରେ ୨ ହଳ ବିଦ୍ୟାଳୟ ପୋଷାକ ବଣ୍ଟନ କରାଯିବ ।

ଏହି ବାବଦରେ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ କ୍ଷେତ୍ରରେ (ସମସ୍ତ ଛାତ୍ରୀ, ଅନୁସୂଚିତ ଜାତିର ବାଳକ, ଅନୁସୂଚିତ ଜନଜାତିର ବାଳକ ତଥା BPL ବର୍ଗର ବାଳକ) ସମୁଦାୟ ୫୦୦ ଟଙ୍କା "ସମଗ୍ର ଶିକ୍ଷା" ଯୋଜନାରୁ ଭରଣା କରାଯିବ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମାନଙ୍କ କ୍ଷେତ୍ରରେ (ସମସ୍ତ ଛାତ୍ରଛାତ୍ରୀ ) ଓ ସରକାରୀ ବିଦ୍ୟାଳୟ କ୍ଷେତ୍ରରେ (APL ବର୍ଗର ସମସ୍ତ ଛାତ୍ର) ସମୁଦାୟ ୫୦୦/- ଟଙ୍କା ରାଜ୍ୟ ସରକାରଙ୍କର ଗଙ୍ଗାଧର ମେହେର ଶିକ୍ଷାମାନକ ବୃଦ୍ଧି ଯୋଜନାରୁ ଭରଣା କରାଯିବ ।

ଏଥିପାଇଁ ନିମ୍ନରେ ପୋଷାକ ବିତରଣ ସଂପର୍କରେ ଯେଉଁ କେତୋଟି ବିଷୟ ଉଲ୍ଲେଖ କରାଯାଇଛି ସେସବୁ ନିର୍ଦ୍ଦିଷ୍ଟ ଓ ଠିକ୍ ଭାବେ ପାଳନ କରିବେ ।

- ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ପୋଷାକର ରଙ୍ଗ ଓ ପରିପାଟୀରେ କୌଣସି ପରିବର୍ତ୍ତନ ହେବନାହିଁ । ଆସନ୍ତା ବର୍ଷଠାରୁ ପୋଷାକର ରଙ୍ଗ ଏବଂ ପରିପାଟୀରେ ପରିବର୍ତ୍ତନ କରାଯିବ । ସମସ୍ତ ଛାତ୍ରମାନଙ୍କୁ ଦୁଇ ହଳ ପ୍ୟାଣ୍ଟ ଓ ଧଳାସାର୍ଟ ଏବଂ ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀମାନଙ୍କୁ ଦୁଇ ହଳ ଫ୍ରକ ( ଝାଲେରୀ ସହିତ )ଏବଂ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀମାନଙ୍କୁ ଦୁଇ ହଳ କମିଜ, ସାଲୱାର ଓ ଓଢଣୀ ଦିଆଯିବ ।

- ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତର ଅର୍ଥାତ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କରାଯାଇଥିବା ପି. ତାଙ୍କ ପୋଷାକ ବାବଦରେ ଉଦ୍ଦିଷ୍ଟ ଅର୍ଥ ସେହି ସବୁ ବିଦ୍ୟାଳୟକୁ ପ୍ରଦାନ କରାଯାଇ ନିର୍ଦ୍ଧାରି... ସମୟସୀମା ମଧ୍ୟରେ ପୋଷାକ ବିତରଣ କରାଯିବ ଓ ପୋଷାକ ପ୍ରତ୍ୟକ ଛାତ୍ରଛାତ୍ରୀ ମାନଙ୍କର ସଠିକ ମାପ ହିସାବରେ ଦିଆଯିବ ।
- ପୋଷାକର ରଙ୍ଗ ଓ ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦିଆଯିବ ।
- ପୋଷାକ ବଣ୍ଟନ ସମୟରେ ସଠିକ ଭାବେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ନାମ ଶ୍ରେଣୀୱାରୀ ଖାତାରେ ଲିପିବଦ୍ଧ କରାଯିବ ।
- ପୋଷାକ ବଣ୍ଟନ ପ୍ରକ୍ରିୟା ଜୁଲାଇ ୩୦ ତାରିଖ ୨୦୨୪ ସୁଦ୍ଧା ସୁନିଶ୍ଚିତ କରାଯିବ ।
- ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି (ଶିକ୍ଷାବିତ୍ / ବିଶିଷ୍ଟ ବ୍ୟକ୍ତି / ସମାଜସେବୀ ) ଙ୍କ ଉପସ୍ଥିତିରେ ପୋଷାକ ବଣ୍ଟନ କରାଯିବ ଏବଂ ଏ ସମ୍ପର୍କିତ ଫଟୋ ଉତ୍ତୋଳନ କରାଯାଇ ସଂପୂର୍ଣ୍ଣ ବିବରଣୀ ରଖାଯିବ ।

**ପୋଷାକ କିଣିବା ପ୍ରକ୍ରିୟା**

- **୨୫୦୦୦ ଟଙ୍କା ବା ତା ଠୁ କମ୍ ମୂଲ୍ୟର ପୋଷାକ ରାଶି ଜମା ହୋଇଥିବା ବିଦ୍ୟାଳୟ କ୍ଷେତ୍ରରେ**
  ଉପର ବର୍ଣ୍ଣିତ ବିଦ୍ୟାଳୟର ସ୍କୁଲ ପରିଚାଳନା କମିଟିର ସଦସ୍ୟଗଣ ସ୍ଥାନୀୟ ବଜାରକୁ ଯାଇ ନିର୍ଦ୍ଧାରିତ ମୂଲ୍ୟରେ ସଠିକ ଗୁଣବତ୍ତା ବିଶିଷ୍ଟ ପୋଷାକ ବିକ୍ରୟ କରୁଥିବା ଏବଂ ଦ୍ରବ୍ୟ ଓ ସେବାକର ପଞ୍ଜିକୃତ (GST Registered) ଦୋକାନୀ / ବିତରକଙ୍କ ସନ୍ଧାନ କରିବେ । ସ୍କୁଲ ପରିଚାଳନା କମିଟି ଅଧିବେଶନରେ ପ୍ରୋକ୍ତ ଦୋକାନୀ / ବିତରକଙ୍କ ନାମ ପ୍ରସ୍ତାବ ଦେବେ । ସଦସ୍ୟଙ୍କ ଅନୁମୋଦନ କ୍ରମେ ସଠିକ ମୂଲ୍ୟରେ ଉପଯୁକ୍ତ ଗୁଣବତ୍ତା ବିଶିଷ୍ଟ ପୋଷାକ ଦୋକାନୀ / ବିତରକଙ୍କୁ ପୋଷାକ ଯୋଗାଇବା ପାଇଁ ଚୁକ୍ତି କରି ଆଦେଶ ଦିଆଯିବ । ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣଭାବେ ବିଦ୍ୟାଳୟର ରେକର୍ଡ ଖାତାରେ ଲିପିବଦ୍ଧ କରାଯିବ ।
- **୨୫୦୦୦ ଟଙ୍କା ରୁ ଅଧିକ ମୂଲ୍ୟର ପୋଷାକ ରାଶି ଜମା ହୋଇଥିବା ବିଦ୍ୟାଳୟ କ୍ଷେତ୍ରରେ**
  ଉକ୍ତ ବିଦ୍ୟାଳୟର ସ୍କୁଲ ପରିଚାଳନା କମିଟି ଖୋଲା ବଜାରରୁ ପୋଷାକ କିଣିବା ସକାଶେ ୩ ଗୋଟି ଭିନ୍ନ ଭିନ୍ନ ଦ୍ରବ୍ୟ ଓ ସେବାକର ପଞ୍ଜିକୃତ (GST Registered) ବିତରକ / ଦୋକାନୀଙ୍କ ଠାରୁ ତିନୋଟି କୋଟେସନ୍ ସଂଗ୍ରହ କରିବେ । ସ୍କୁଲ ପରିଚାଳନା କମିଟି ଅଧିବେଶନରେ ଉକ୍ତ କୋଟେସନ୍ ଯାଞ୍ଚ କରାଯିବ ଏବଂ ସବୁଠାରୁ କମ୍ ମୂଲ୍ୟର କୋଟେସନ୍ କୁ ବୈଠକରେ ଅନୁମୋଦନ କରାଯିବ । ସେହି ଅନୁମୋଦିତ ସଂସ୍ଥା ସହିତ ପୋଷାକ ବିତରଣ ପାଇଁ ଚୁକ୍ତି କରାଯିବ । ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣଭାବେ ବିଦ୍ୟାଳୟର ରେକର୍ଡ ଖାତାରେ ଲିପିବଦ୍ଧ କରାଯିବ ।

  - ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତମ ମାନର ପୋଷାକ ଯୋଗାଣ ପାଇଁ ଉକ୍ତ ଦୋକାନୀ / ବିତରକଙ୍କ ଠାରୁ ଏକ ସ୍ୱୀକୃତି ପତ୍ର ରଖାଯିବ । ଚୁକ୍ତି ଅନୁସାରେ ପୋଷାକ ବିତରଣ ନ କଲେ ସେଥିପାଇଁ ବିତରକ ସଂସ୍ଥା ବିରୁଦ୍ଧରେ କେଉଁ ପଦକ୍ଷେପ ନିଆଯିବ, ସେ ବାବଦରେ SMC ବୈଠକରେ ମଧ୍ୟ ନିଷ୍ପତ୍ତି ନିଆଯିବ ।

❖ ସଠିକ ମାନର ପୋଷାକ ବିତରଣ ପରେ ବିତରକଙ୍କୁ ଉଭୟ କ୍ଷେତ୍ରରେ (୨୫୦୦୦ ଟଙ୍କା ବା ତା ଠୁ କମ୍ ଏବଂ ୨୫୦୦୦ ଟଙ୍କା ବା ତା ଠୁ ଅଧିକ ) ବ୍ୟାଙ୍କ ଖାତା ମାଧ୍ୟମରେ ଦେୟ ପ୍ରଦାନ କରାଯିବ । କୌଣସି ପରିସ୍ଥିତିରେ ମଧ୍ୟ ନଗଦ ଅର୍ଥ ମାଧ୍ୟମରେ ଦେୟ ପ୍ରଦାନ କରାଯିବ ନାହିଁ ।

❖ ସମସ୍ତ ପ୍ରକ୍ରିୟା CRCC ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହେବ । ଆବଶ୍ୟକ ସ୍ଥଳେ Block Accountant-cum-Support staff ଙ୍କ ସହାୟତା ନିଆଯିବ ।

➢ ବିଦ୍ୟାଳୟ ପରିଚାଳନା କମିଟିର ଆକାଉଣ୍ଟକୁ ଏହି ପୋଷାକ ବାବଦକୁ ଅର୍ଥ ଯୋଗାଇ ଦିଆଯିବ।

➢ ଚଳିତ ବର୍ଷ ଉପଯୁକ୍ତ ପ୍ରକ୍ରିୟାରେ ଚୟନ କରାଯାଇଥିବା Tailoring unit ଥିବା SHG ତଥା Garment Manufacturing Unit ଥିବା MSME ବିଦ୍ୟାଳୟ ମାନଙ୍କରେ ପୋଷାକ ବଣ୍ଟନ କରିବେ । ଯଦି Tailoring unit ଥିବା SHG ତଥା Garment Manufacturing Unit ଥିବା MSME ବିଦ୍ୟାଳୟ ମାନଙ୍କରେ ପୋଷାକ ବଣ୍ଟନ କରିବାକୁ ରାଜି ନ ହୁଅନ୍ତି ତେବେ ସେ ସବୁ ବିଦ୍ୟାଳୟ ମାନଙ୍କରେ SMC ପୋଷାକ ବଣ୍ଟନ କରିପାରିବେ ।

ବି. ଦ୍ର.

(Tailoring unit ଥିବା SHG ତଥା Garment Manufacturing Unit ଥିବା MSME କୁ ଚୟନ କରି ସେମାନଙ୍କ ଦ୍ୱାରା ବିଦ୍ୟାଳୟ ମାନଙ୍କରେ ପୋଷାକ ବାଣ୍ଟିବାର ମାର୍ଗଦର୍ଶିକା ଏଥି ସହିତ ସମସ୍ତ ଜିଲ୍ଲାର ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଲଗ୍ନ କରାଗଲା ଯାହାକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୧୫୪୩୭ /SME ତା. ୨୭.୦୬.୨୦୨୩ ରେ ସମସ୍ତ ଜିଲ୍ଲାକୁ ମାଧ୍ୟମିକ ସ୍ତରରେ ବିଦ୍ୟାଳୟ ପୋଷାକ ବଣ୍ଟନ ପରିପ୍ରେକ୍ଷୀରେ ଆଗରୁ ପ୍ରେରଣ କରାଯାଇଅଛି )

ଉକ୍ତ ମାର୍ଗଦର୍ଶିକାକୁ ଅନୁସରଣ କରି ଜିଲ୍ଲା ମାନେ Tailoring unit ଥିବା SHG ତଥା Garment Manufacturing Unit ଥିବା MSME କୁ ଚୟନ କରି ସେମାନଙ୍କ ଦ୍ୱାରା ବିଦ୍ୟାଳୟ ମାନଙ୍କରେ ପୋଷାକ ବାଣ୍ଟିବା ସୁନିଶ୍ଚିତ କରିବେ ।

➢ ଜିଲ୍ଲା ଶିକ୍ଷା ଅଧିକାରୀ (DEO), ଜିଲ୍ଲା ପ୍ରକଳ୍ପ ସଂଯୋଜକ (DPC), ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ ସଂଯୋଜକ ଓ ସଂଯୋଜିକା, ଗୋଷ୍ଠୀ ଶିକ୍ଷାଧିକାରୀ (BEO), ସହଗୋଷ୍ଠୀ ଶିକ୍ଷାଧିକାରୀ (ABEO), ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ (ABEO-CUM-BRCC), କ୍ଲଷ୍ଟରସାଧନ କେନ୍ଦ୍ର ସଂଯୋଜକ (CRCC) ଏବଂ ତଦାରଖ ସଦସ୍ୟ (Monitoring Member) ଏହି ପୋଷାକ ବିତରଣ ପ୍ରକ୍ରିୟାକୁ ତଦାରଖ କରିବେ ଏବଂ ଏହାର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ଗୁରୁତ୍ୱ ଦେବେ ।

➢ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଙ୍କ ପାଖରେ ଗୋଟିଏ ହଳ ପୋଷାକ ନମୁନା ଭାବେ ରଖିବେ । ଆବଶ୍ୟକ ହେଲେ ସେ ତଦାରଖକାରୀଙ୍କୁ ଏହି ନମୁନା ଦେଖାଇପାରିବେ ।

➢ ପ୍ରତି ବିଦ୍ୟାଳୟର ପ୍ରଧାନଶିକ୍ଷକ ମାର୍ଗଦର୍ଶିକା ଅନୁସାରେ ସମସ୍ତ ପିଲା ଉତ୍ତମ ମାନର ପୋଷାକ ପାଇଛନ୍ତି ବୋଲି ଏକ ପ୍ରମାଣପତ୍ର (Certificate) ଦେବେ । ଠିକ୍ ସେହିପରି ପ୍ରଧାନଶିକ୍ଷକଙ୍କ ପ୍ରମାଣପତ୍ର କୁ ଆଧାରକରି ପ୍ରତି ବ୍ଲକ୍ ଶିକ୍ଷାଧିକାରୀ ଏକ ପ୍ରମାଣପତ୍ର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଦେବେ । ତଦନୁଯାୟୀ ଜିଲ୍ଲା ପ୍ରକଳ୍ପ ସଂଯୋଜକ ମାର୍ଗଦର୍ଶିକା ଅନୁସାରେ ଛାତ୍ରଛାତ୍ରୀ ମାନେ ଉତ୍ତମ ମାନର ପୋଷାକ ପାଇଛନ୍ତି ବୋଲି ଏକ ପ୍ରମାଣପତ୍ର ରାଜ୍ୟ କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

➢ ପ୍ରତି ୭ ଦିନ ଅନ୍ତରରେ ପୋଷାକ ବିତରଣ ସମ୍ବନ୍ଧ ସୂଚନା ସରକାରଙ୍କର ହସ୍ତଗତ ହେବ । ଏଥିପାଇଁ ଜିଲ୍ଲା ସ୍ତରରେ DEO / DPC ମାନେ ତଥ୍ୟ ସଂଗ୍ରହ କରିବେ ।

➢ ଅନୁମୋଦିତ ବଜେଟ ରାଶି ମଧ୍ୟରେ ପୋଷାକ ବଣ୍ଟନ ସୁନିଶ୍ଚିତ କରାଯିବ ।

ଉପରୋକ୍ତ ନିୟମକୁ ଭିତ୍ତିକରି ସ୍ୱଚ୍ଛ ପଦ୍ଧତିରେ ପୋଷାକ ବଣ୍ଟନ କରାଯିବ । ନିମ୍ନମାନର ପୋଷାକ ବଣ୍ଟନ ବା ଅସାଧୁ ଉପାୟ ଅବଲମ୍ବନ କରାଯାଉଥିବାର ନଜରକୁ ଆସିଲେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଆପଣଙ୍କ ବିଶ୍ୱସ୍ତ

ଯାମିନୀ

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଓସେପା

ଜ୍ଞାପକ ସଂଖ୍ୟା ୨୯୧୯ / ତାରିଖ ୦୪.୦୩.୨୦୨୪

ଏହାର ଏକକିତା ନକଲ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ (BEO) ମାନଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ଏହି ମାର୍ଗ ଦର୍ଶିକା CRCC ମାନଙ୍କ ମାଧ୍ୟମରେ ବିଦ୍ୟାଳୟ ମାନଙ୍କୁ ପ୍ରେରଣ କରିବେ ଏବଂ ଜୁଲାଇ ୩୦ ତାରିଖ ୨୦୨୪ ସୁଦ୍ଧା ପୋଷାକ ବଣ୍ଟନ କରିବା ପ୍ରକ୍ରିୟା ସୁନିଶ୍ଚିତ କରିବେ ।

ଯାମିନୀ

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଓସେପା

ଜ୍ଞାପକ ସଂଖ୍ୟା ୨୯୨୦ / ତାରିଖ ୦୪.୦୩.୨୦୨୪

ଏହାର ଏକକିତା ନକଲ ରାଜ୍ୟର ସମସ୍ତ ଜିଲ୍ଲାପାଳ-ତଥା-ଅଧକ୍ଷ, ଜିଲ୍ଲା ସମଗ୍ର ଶିକ୍ଷାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଯାମିନୀ

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଓସେପା

ଜ୍ଞାପକ ସଂଖ୍ୟା ୨୯୨୩ / ତାରିଖ ୦୪.୦୩.୨୦୨୪

ଏହାର ଏକକିତା ନକଲ ବ୍ୟକ୍ତିଗତ ସହାୟକ, କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଙ୍କୁ କମିଶନର ତଥା ଶାସନ ସଚିବ, ଓଡିଶାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲ।

ଯାମିନୀ

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଓସେପା